# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୮.୧୧.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ଶ୍ରୀଧର ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ କବିତା ସ୍ୱାଇଁ,
୩. ନମିତା ମହାପାତ୍ର

ଅଦ୍ୟ ତା ୧୮.୧୧.୨୦୨୫ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଆଜିର ବୈଠକରେ ଉପସ୍ଥାପିତ କରାଯାଇଥିବା ଅକୁପାନ୍ସି ପ୍ରମାଣପତ୍ର ତଥ୍ୟରେ ଅକ୍ଟୋବର ମାସରେ ଇମ୍‌ରୋଜ୍ ଆହ୍ଲାଦ ଆଇଗିଣିଆ ଠାରେ କରିଥିବା ଗୃହ ଓ ହିମାଂଶୁ ଶେଖର ନାୟକ ପୋଖରୀପୁଟରେ କରିଥିବା ଗୃହ ପାଇଁ ଅକୁପାନ୍ସି ସାର୍ଟିଫିକେଟ୍ ଦିଆଯାଇଅଛି । ଏହି ଦୁଇ ଜଣ ସେଠାରେ EIDP ରେ ଯେଉଁ ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୩୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ଜେନା
ସଭାପତି
ତା ୧୮.୧୧.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୮.୧୧.୨୦୨୫ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ପ୍ରେମାନନ୍ଦ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପୁଷ୍ପା ରାଉତ,
୩. ଶ୍ରୀମତୀ ପୂଜା ମହାରଣା,
୪. ଶ୍ରୀମତୀ ମଧୁସ୍ମିତା ପ୍ରଧାନ,
୫. ଶ୍ରୀମତୀ ସୁଜାତା ଛୋଟରାୟ

ଅଦ୍ୟ ତା ୧୮.୧୧.୨୦୨୫ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ପ୍ରେମାନନ୍ଦ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବିଜ୍ଞାପନଫଳକ ଲଗାଇବା ପାଇଁ ଠିକା ନେଇଥିବା ଟୋରେଂଟୋ ସଂସ୍ଥା ନିଗମର ଅର୍ଥ ପଇଠ ନକଲେ ତାଙ୍କର ବିଜ୍ଞାପନଫଳକ କାଟିବା ପାଇଁ ଗତ ତା୧୮.୧୦.୨୦୨୫ ରିଖର ନିର୍ଦ୍ଧାରଣ ସଂଖ୍ୟା-୧(୧) ରେ ନିଷ୍ପତି ହୋଇଥିଲା । ଏଥିପାଇଁ ସେ କେତେ ଅର୍ଥ ଦାଖଲ କଲେ ଏବଂ ତାଙ୍କର କେତେ ବିଜ୍ଞାପନଫଳକ କଟାଯାଇଅଛି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମରେ ଛଅ ନମ୍ବର ସ୍ଥିତ କାଳି ମନ୍ଦିର ମାର୍କେଟ୍ ଭାଙ୍ଗିଗଲାଣି, ତାହାକୁ ପୁନଃ ନିର୍ମାଣ କରିବା ପାଇଁ ଶୀଘ୍ର ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୪.୫୧ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ପ୍ରେମାନନ୍ଦ ଜେନା
ସଭାପତି
ତା ୧୮.୧୧.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୯.୧୧.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-
୧. ଶ୍ରୀ ଦୀପକ କୁମାର ମିଶ୍ର, ଚେୟାରମ୍ୟାନ୍,
୨. ଶ୍ରୀ କୁମାରେନ୍ଦ୍ର ମହାପାତ୍ର,
୩. ଶ୍ରୀମତୀ କିରଣବାଳା ମାଝୀ,
୪. ଶ୍ରୀମତୀ ବନ୍ଦିତା ପାଲ୍

ଅଦ୍ୟ ତା ୧୯.୧୧.୨୦୨୫ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଦୀପକ କୁମାର ମିଶ୍ର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ୍ ଆକ୍ଟ-୨୦୦୩ ର ଧାରା ୩୦ ଅନୁଯାୟୀ ମ୍ୟୁନିସିପାଲ୍ କମିଶନର, ଭୁବନେଶ୍ୱର ମହାନଗର ନିଗମ, ତାଙ୍କର ଅଧିନସ୍ଥ ନିଗମରେ କାର୍ଯ୍ୟରତ ଥିବା ଅଧିକାରୀ ମାନଙ୍କୁ କାର୍ଯ୍ୟାଳୟ ଆଦେଶ ସଂଖ୍ୟା- ୫୭୧୧୬ ତା ୧୪.୧୧.୨୦୨୫ ରିଖରେ ଶ୍ରୀ ଯୋଗେନ୍ଦ୍ର ମାଝୀ, ଉପ ଆୟୁକ୍ତଙ୍କୁ ଓ.ଡ଼ି.ଏ କୋର୍ଟ, ସାଉଥ୍ ୱେଷ୍ଟ ଜୋନ୍, ରଶ୍ମିରେଖା ଅମାନ୍ତ, ଉପ ଆୟୁକ୍ତଙ୍କୁ ଓ.ଡ଼ି.ଏ କୋର୍ଟ, ନର୍ଥ ଜୋନ୍ ଏବଂ ଶ୍ରୀ ସୂର୍ଯ୍ୟମଣି ପାଙ୍ଗଯୋଶୀ, OSD ଙ୍କୁ ଓ.ଡ଼ି.ଏ କୋର୍ଟ, ସାଉଥ୍ ଇଷ୍ଟ ଜୋନ୍ ପରିଚାଳନା ପାଇଁ ଦାୟିତ୍ୱ ହସ୍ତାନ୍ତରିତ କରିଅଛନ୍ତି । ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ୍ ଆକ୍ଟ-୨୦୦୩ ବର୍ତ୍ତିତ ଧାରା-୩୦ (୨) ଅନୁଯାୟୀ ଏହାର କାର୍ଯ୍ୟୋତର ଅନୁମୋଦନ ନିମନ୍ତେ କମିଟିଙ୍କ ବିଚାର:- ନଥି ନଂ-XXIII-Gen (misc.)-31/2024 (Pt.) ଟିପ୍ପଣୀ ପୃଷ୍ଠା-୧୦ ରୁ ୧୭ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୧. ଏ ପ୍ରସ୍ତାବର କାର୍ଯ୍ୟୋତର ଅନୁମୋଦନ ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ପୂର୍ବାହ୍ନ ଘ. ୧୧.୫୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ଦୀପକ କୁମାର ମିଶ୍ର
ସଭାପତି
ତା ୧୯.୧୧.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ
## କମିଟି ବୈଠକ ବିବରଣୀ

ତା ୨୦.୧୧.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ବିରଂଚି ନାରାୟଣ ମହାସୁପକାର, ଚେୟାରମ୍ୟାନ୍,
୨. ଶ୍ରୀ ଭରତ କୁମାର ଲେଙ୍କା,
୩. ଶ୍ରୀମତୀ ମିନୁଶ୍ରୀ ଖୁଂଟିଆ,
୪. ଶ୍ରୀ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ,
୫. ଶ୍ରୀମତୀ ମୋନାଲିସା ସାହୁ,
୬. ଶ୍ରୀମତୀ ରଞ୍ଜୁଲତା ରାୟ

ଅଦ୍ୟ ତା ୨୦.୧୧.୨୦୨୫ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ବିରଂଚି ନାରାୟଣ ମହାସୁପକାର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମର ଯାନ ବିଭାଗ (Vehicle Section) ଦ୍ୱାରା ପରିମଳ ଏବଂ ବିକାଶ କାର୍ଯ୍ୟରେ ଭଡ଼ାସୂତ୍ରରେ ନିୟୋଜିତ ହୋଇଥିବା ସମସ୍ତ ଯାନର (ଭାରୀ ଯାନବାହନ ଏବଂ ଯନ୍ତ୍ରପାତି) ୩୧ ମାର୍ଚ୍ଚ ୨୦୨୪ ମସିହା ପୂର୍ବର ବକେୟା ବିଲ୍ ର ଦେୟ ନିମନ୍ତେ କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟା-୭(୬) ତା ୨୮.୦୨.୨୦୨୫ ରିଖ ଅନୁଯାୟୀ ସମସ୍ତ ବକେୟା ବିଲ୍ ଗୁଡ଼ିକୁ ମୁଖ୍ୟ ଅର୍ଥ ବିଭାଗୀୟ ଅଧିକାରୀଙ୍କ ଅଧିନରେ ପୂର୍ବ ଅଡ଼ିଟ୍ ବିଧି ଉପଦେଷ୍ଟାଙ୍କ ମତାମତ ଅନୁଯାୟୀ କାର୍ଯ୍ୟକାରୀ କରାଯିବା ଆବଶ୍ୟକ ଅଛି ବୋଲି ନିର୍ଦ୍ଧାରଣ କରାଯାଇଥିଲା । ଏହାକୁ ଆଧାର କରି ଯାନ ବିଭାଗ ଦ୍ୱାରା ପ୍ରସ୍ତୁତ ମୋଟ ୩୯ ଗୋଟି ଫାଇଲ (ମୂଲ୍ୟ ଟ ୪,୯୪,୫୩,୧୭୪/-) କର୍ପୋରେସନ ତା ୩୦.୦୭.୨୦୨୫ ରିଖ ନିର୍ଦ୍ଧାରଣ ସଂଖ୍ୟା-୭(୫) ଅନୁଯାୟୀ ଆଇନ୍ ଓ ସମୀକ୍ଷା ଆବଶ୍ୟକତା ନିର୍ଦ୍ଦେଶ ହୋଇଥିଲା । ଅଫିସ୍ ଅର୍ଡ଼ର୍ ନଂ-୪୨୪୨୦ ଅନୁସାରେ ଗଠିତ କମିଟି ସମସ୍ତ ୩୯ ଗୋଟି ଫାଇଲ୍ ପୁନଃ ସମୀକ୍ଷା କରିଥିଲେ ଏବଂ ଆଇନ୍ ଉପଦେଷ୍ଟାଙ୍କ ମତ ଅନୁଯାୟୀ ଅର୍ଥ ମୁକ୍ତି ପାଇଁ କୌଣସି ଆଇନଗତ ଅବରୋଧ ନାହିଁ ବୋଲି ମତ ଦେଇଛନ୍ତି । ଏହାର ସବିଶେଷ ନିମ୍ନଲିଖିତ ଭାବରେ ରହିଅଛି ।

| Sl. No. | Description of the Files | No. of Files | Amount in Rs. |
|---|---|---|---|
| 1 | Files audited by the Finance Section | 18 | 2,58,53,472/- |
| 2 | Files processed for Pre-Audit (Calculation completed) | 10 | 42,38,646/- |
| 3 | Files with completed calculation | 10 | 1,49,25,566/- |
| 4 | Files pending compliance | 1 | 44,34,490/- |
| | **Total** | **39** | **4,94,53,174/-** |

ଉପରୋକ୍ତ ପରିପ୍ରେକ୍ଷୀରେ ତା ୩୧.୧୦.୨୦୨୫ ରିଖରେ ହୋଇଥିବା କର୍ପୋରେସନର ନିର୍ଦ୍ଧାରଣକୁ ଆଧାର କରି ଉପରୋକ୍ତ ବିଷୟକୁ ଅନୁମୋଦନ ନିମନ୍ତେ କମିଟିଙ୍କ ବିଚାର:- ନଥି ନଂ-XXXVI-87/2025

ନିର୍ଦ୍ଧାରଣ-୧. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୨(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ Cleanness Target Unit ପାଇଁ ହୋଇଥିବା କାର୍ଯ୍ୟ ଟ୫,୦୦୦/-ଙ୍କାରେ ସମ୍ପୂର୍ଣ୍ଣ ହୋଇପାରୁନାହିଁ, ତେଣୁ ଏହି ଅର୍ଥକୁ ଟ୨୦,୦୦୦/-ଙ୍କା (କୋଡ଼ିଏ ହଜାର ଟଙ୍କା) କୁ ବୃଦ୍ଧି କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୨). ଭୁବନେଶ୍ୱର ମହାନଗର ନିଗମାଂଚଳରୁ ବାହାରୁଥିବା ଅଳିଆକୁ ସହର ବାହାରକୁ ନେଉଥିବା ଡ଼ାଲ୍‌ମିଆ ସିମେଂଟ୍ ସଂସ୍ଥା ଢେଙ୍କାନାଳ ବଜାର ଠାରୁ କାମାକ୍ଷାନଗର ପର୍ଯ୍ୟନ୍ତ ରାସ୍ତା ଉପରେ ପକାଇ ପକାଇ ଯାଉଥିବାର ଅଭିଯୋଗ ହେଉଅଛି, ତେଣୁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ପୋଖରୀ/ଜଳାଶୟ ଗୁଡ଼ିକର ମରାମତି/ପୁନଃଉଦ୍ଧାର କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ଠାରୁ ଅନୁମତି ଆସିଅଛି ସେଗୁଡ଼ିକ କାର୍ଯ୍ୟ ଆରମ୍ଭ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୪). Hon'ble NGT ଏବଂ H&UD Deptt., Government of Odisha ଙ୍କର Decentralized Solid Waste Management SOP No.-13408 ତା ୩୦.୦୭.୨୦୧୯ ରିଖ ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱର ମହାନଗର ନିଗମାଂଚଳରୁ ନିର୍ଗତ ହେଉଥିବା ବର୍ଜ୍ୟବସ୍ତୁର ସୁପରିଚ୍ଛଳନା ପାଇଁ ଭୁବନେଶ୍ୱର ମହାନଗର ନିଗମ ପର୍ଯ୍ୟାୟକ୍ରମେ ବିଭିନ୍ନ ପଦକ୍ଷେପ ନେଉଅଛି, ଯଥା-୩୭ ଗୋଟି ଏମ୍.ସି.ସି, ୨୨ ଗୋଟି MRF, Windrows Composting, Bio-Mining Project, Mega MRF, Coconut Processing Plant, Flower Processing Plant ଇତ୍ୟାଦି କାର୍ଯ୍ୟକ୍ଷମ କରୁଅଛି । ତତ୍ ସହିତ ଏକ ସୁଦୃଢ଼ Integrated Solid Waste Management ecosystem ଅନ୍ତର୍ଗତ Bio-Methanation Plant, Waste to Energy Plant, Bio Mass briquettes, Waste transfer stations କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନେଉଅଛି । ଏହି ପରିପ୍ରେକ୍ଷୀରେ ଅନ୍ୟ ରାଜ୍ୟ ମାନଙ୍କରେ ଥିବା ବିଭିନ୍ନ ULB ମାନଙ୍କରେ ବର୍ଜ୍ୟବସ୍ତୁ ସୁପରିଚ୍ଛଳନା ପାଇଁ ନିଆଯାଉଥିବା Best practices ଗୁଡ଼ିକୁ ଅଧ୍ୟୟନ ଏବଂ ଶିକ୍ଷା କରିବାର ଆବଶ୍ୟକତା ରହିଅଛି । ଏଣୁ ମାନନୀୟା ମେୟର, ଡ଼େପୁଟି ମେୟର, ଷ୍ଟାଣ୍ଡିଂ କମିଟି ଚେୟାର୍‌ପର୍ସନ୍ ଏବଂ ସମସ୍ତ କର୍ପୋରେଟର, officials ମାନଙ୍କର Exposure Visit ଗୁଜୁରାଟ ଓ ରାଜସ୍ଥାନ OTDC ଜରିଆରେ ଯିବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୫). Green Garbage ଏବଂ C&D Waste lifting & collection ପାଇଁ ପ୍ୟାକେଜ୍ ଅନୁସାରେ ୪୪ ଓ୍ୱାର୍ଡ଼ ପିଛା ଗୋଟିଏ ଗାଡ଼ି ହିସାବରେ ୪୪ ଗୋଟି ଗାଡ଼ି ଏଜେନ୍ସିଙ୍କ ଦ୍ୱାରା କାର୍ଯ୍ୟକ୍ଷମ କରାଯାଇଥିଲା । ସାନିଟେସନ୍ ଏଜେନ୍ସି ମାନଙ୍କର କାର୍ଯ୍ୟ ଆସନ୍ତା ଡ଼ିସେମ୍ବର-୨୦୨୫ ରେ ଶେଷ ହେଉଅଛି । ଏଣୁ Green Garbage ଏବଂ C&D Waste ର Uninterrupted collection & lifting ପାଇଁ ତା ୧୬.୧୧.୨୦୨୫ ରିଖ ଠାରୁ ନିୟୋଜିତ କରାଯାଇଥିବା ୧୮ ଗୋଟି ଗାଡ଼ି ଏବଂ ୮ ଟି ମ୍ୟାନ୍‌ପାଓ୍ୱାର୍ ଏବଂ ପ୍ରତି ଜୋନ୍ କୁ ଅତିରିକ୍ତ ଆଉ ୩ ଗୋଟି LCV ଏବଂ ଜଣେ ଡ୍ରାଇଭର ଓ ଜଣେ ହେଲ୍‌ପର୍ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୬). ଭୁବନେଶ୍ୱର ମହାନଗର ନିଗମରେ ଆଉଟ୍‌ସୋର୍ସିଂ ମାଧ୍ୟମରେ ନିଯୁକ୍ତି ହୋଇଥିବା ସମସ୍ତ ପରିମଳ ନିରୀକ୍ଷକ (Sanitary Inspector) ଙ୍କ କାର୍ଯ୍ୟ ଅବଧି ଗତ ତା ୧୦.୧୦.୨୦୨୫ ରିଖରୁ ଶେଷ ହୋଇଯାଇଥିଲା । ସେମାନଙ୍କର କାର୍ଯ୍ୟଦକ୍ଷତା ଏକ କମିଟି ଦ୍ୱାରା ଯାଂଚ୍ କରାଯାଇ ଆଉ ଏକ ବର୍ଷ ବୃଦ୍ଧି କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୭). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ଇଡ଼କୋ ଶିଳ୍ପାଂଚଳ ଯଥା-ଚନ୍ଦକା ଶିଳ୍ପାଂଚଳ ଓ୍ୱାର୍ଡ଼ ନଂ-୬ ଓ ଭଗବାନପୁର ଶିଳ୍ପାଂଚଳ ଓ୍ୱାର୍ଡ଼ ନଂ-୬୫ ରୁ ବାହାରୁଥିବା ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁର ଦୈନିକ ସଂଗ୍ରହ ଓ ପରିବହନ ପାଇଁ ୨ ଗୋଟି ଗାଡ଼ି (LCV) ସହିତ ପ୍ରତି LCV ପାଇଁ ୨ ଜଣ ହେଲ୍‌ପର୍ ନିୟୋଜିତ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୮). ୧୫ ଗୋଟି Auto mounted fogging vehicle ର ପରିଚ୍ଛଳନା ପାଇଁ ଫଗିଙ୍ଗ୍ କରିବା ସମୟରେ ଆଉଟ୍‌ସୋର୍ସିଂ ମାଧ୍ୟମରେ M/s Jagannath Placement and Security Services ଦ୍ୱାରା ଡ୍ରାଇଭର ନିୟୋଜିତ କରାଯାଏ । ମାନନୀୟା ମେୟରଙ୍କ ଅନୁମୋଦନ କ୍ରମେ ତା ୧୮.୦୭.୨୦୨୫ ରିଖ ଠାରୁ ତା ୨୮.୦୭.୨୦୨୬ ରିଖ ପର୍ଯ୍ୟନ୍ତ fogging operation ନିମନ୍ତେ ୧୫ ଜଣ ଡ୍ରାଇଭର M/s Jagannath Placement and Allied Services ଦ୍ୱାରା ଆଉଟ୍‌ସୋର୍ସିଂ ମାଧ୍ୟମରେ ନିୟୋଜିତ କରି Auto mounted fogging vehicle ର ପରିଚ୍ଛଳନା କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୯). ଭୁବନେଶ୍ୱର ମହାନଗର ନିଗମାଂଚଳରୁ ବାହାରୁଥିବା ଅଳିଆକୁ ସୁବ୍ୟବସ୍ଥିତ ଭାବେ ପରିଚ୍ଛଳନା କରିବା ପରେ ଏକ ଓ୍ୱେଷ୍ଟ-ଟୁ-ଚାରକୋଲ୍ ଉତ୍ପାଦନ କେନ୍ଦ୍ରର ଡ଼ିଜାଇନ୍, ବିକାଶ, ସ୍ଥାପନା ଏବଂ ପରିଚ୍ଛଳନା ପାଇଁ ଯୋଗ୍ୟ ଏବଂ ଅନୁଭବସମ୍ପନ୍ନ ଏଜେନ୍ସି/ ତନ୍ତ୍ରଜ୍ଞାନ ପ୍ରଦାନକାରୀଙ୍କୁ Expression of Interest (EOI) ଆହ୍ୱାନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୧୦). ଟି.ଟି.ଏସ୍, ସୈନିକ ସ୍କୁଲରେ କାର୍ଯ୍ୟରତ Terex Warrior-1200 Power Screen Trommel Machine ୨ ଗୋଟି ଖରାପ ହୋଇଥିବାରୁ ଯନ୍ତ୍ରପାତିର ଆବଶ୍ୟକ ମରାମତି ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୧୧). ଭୁବନେଶ୍ୱର ମହାନଗର ନିଗମର ଓ୍ୱେଲଥ ସେଂଟରରେ କାର୍ଯ୍ୟରତ ସ୍ୱଚ୍ଛ କର୍ମୀମାନଙ୍କୁ ୟୁନିଫର୍ମ ପ୍ରଦାନ କରିବା ପାଇଁ ଏସ୍.ଏଚ୍.ଜି ଗ୍ରୁପ୍ ଦ୍ୱାରା ସିଲାଇ ଏବଂ କ୍ରୟ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିରଂଚି ନାରାୟଣ ମହାସୁପକାର
ସଭାପତି
ତା ୨୦.୧୧.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୦.୧୧.୨୦୨୫ ରିଖ

ସମୟ-ଅପରାହ୍ନ ଘ.୦୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ରାମଚନ୍ଦ୍ର ରଣସିଂହ, ଚେୟାରମ୍ୟାନ୍,
୨. ଶ୍ରୀ ମିହିର କୁମାର ରାଉତ,
୩. ଶ୍ରୀମତୀ ସୁଚିତ୍ରା ପାତ୍ର,
୪. ମୋନାଲିସା ବେହେରା,
୫. ଶ୍ରୀ ଲାଲ ମୋହନ ଟୁଡୁ

ଅଦ୍ୟ ତା ୨୦.୧୧.୨୦୨୫ ରିଖ ଅପରାହ୍ନ ଘ.୦୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ରାମଚନ୍ଦ୍ର ରଣସିଂହ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ୱାର୍ଡ଼ ନଂ-୪୮ ସ୍ଥିତ ଡେଲଟା ୟୁ.ପି. ସ୍କୁଲ ଗୃହର ଅବସ୍ଥା ଖରାପ ହୋଇଗଲାଣି । ଏହାକୁ ମରାମତି ଏବଂ ଉକ୍ତ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନେ ବସିବା ପାଇଁ ଚେୟାର ଟେବୁଲ୍ ବ୍ୟବସ୍ଥା କରିବା ନିମନ୍ତେ ନିର୍ବାହୀ ଯନ୍ତ୍ରୀ ଆର୍ ଆଣ୍ଡ୍ ବି, ଡିଭିଜନ-୨ ଙ୍କୁ ଅନୁରୋଧ କରିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମ ପରିଚାଳିତ ପାର୍କଗୁଡିକର ରକ୍ଷଣାବେକ୍ଷଣ ପାଇଁ ନିଗମାଂଚଳରେ ବିଲଡର, ବ୍ୟାଙ୍କ୍ ଓ ବଡ ବଡ ବ୍ୟବସାୟୀଙ୍କ ସହିତ ଆଲୋଚନା କରିବା ପାଇଁ ଏକ ସ୍ୱତନ୍ତ୍ର ବୈଠକ ଡାକିବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ରାସ୍ତା ପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ହୋଇଥିବା ସ୍ଥାନଗୁଡିକର ରକ୍ଷଣାବେକ୍ଷଣ ପାଇଁ ବଜେଟ୍‌ରେ ବ୍ୟବସ୍ଥା କରିବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ପାଇକ ନଗର, ମୁଣ୍ଡା ସାହି. ଜ୍ୟୋତି ମୋଟର୍ସ, ସି.ଆର୍. ପି. ଛକ ପାଖ ଅଂଚଳର ଜଳ ନିଷ୍କାସନ ପାଇଁ ନାଳ ବ୍ୟବସ୍ଥା କରି ୮-A ମୁଖ୍ୟ ନାଳରେ ସଂଯୋଗ କରିବାକୁ ପଦକ୍ଷେପ ନେବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଆସନ୍ତା ଡିସେମ୍ବର ଓ ଜାନୁୟାରୀ ମାସରେ ହେବାକୁ ଥିବା ପଥ ଉତ୍ସବ ପ୍ରଥମ ପର୍ଯ୍ୟାୟରେ ମାଷ୍ଟର କ୍ୟାଂଟିନ୍ ଛକରୁ ରାମ ମନ୍ଦିର, ଦ୍ୱିତୀୟ ପର୍ଯ୍ୟାୟରେ ବରମୁଣ୍ଡା ନିଳକଣ୍ଠେଶ୍ୱର ମନ୍ଦିର ଠାରୁ ପ୍ରମେୟ ଅଫିସ୍ ଓ ତୃତୀୟ ପର୍ଯ୍ୟାୟରେ ଜାଭିୟର୍ ଇନଷ୍ଟିଚ୍ୟୁଟ୍ ଠାରୁ ଉତ୍କଳ ହସ୍ପିଟାଲ ପର୍ଯ୍ୟନ୍ତ ରାସ୍ତାରେ ପଥ ଉତ୍ସବ କରିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ପାର୍କଗୁଡିକର ରକ୍ଷଣାବେକ୍ଷଣ ଦାୟିତ୍ୱ ଏଜେନ୍ସିମାନଙ୍କୁ ଦେବା ବିଳମ୍ବ ହେଉଥିବାରୁ ଏସ୍.ଏଚ୍.ଜି ମାନଙ୍କର କାର୍ଯ୍ୟକାଳ ଡିସେମ୍ବର-୨୦୨୫ ଶେଷ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୭). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଯେଉଁ ସରକାରୀ ବିଦ୍ୟାଳୟ ଗୁଡ଼ିକ ବନ୍ଦ ହୋଇଯାଇଅଛି ସେହି ଗୃହ ଗୁଡ଼ିକ କାହା ଦାୟିତ୍ୱରେ ଅଛି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ନଗର ଏଜ୍ୟୁକେସନ ଅଧିକାରୀ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୧୪ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାମଚନ୍ଦ୍ର ରଣସିଂହ
ସଭାପତି
ତା ୨୦.୧୧.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୧.୧୧.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା<br>ସ୍ଥାନ- BMC-ICOMC ର ତଳ ମହଲା<br>ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ରାଜକିଶୋର ଦାସ, ଚେୟାରମ୍ୟାନ୍,<br>
୨. ଶ୍ରୀ ଚନ୍ଦ୍ରଶେଖର ମଲିଆ,<br>
୩. ଶ୍ରୀ ଶିବ ପ୍ରସାଦ ବେହେରା,<br>
୪. ଶ୍ରୀମତୀ ଅଲିଅଳି ମଲ୍ଲିକ୍,<br>
୫. ଅସିୟା ବେଗମ୍

ଅଦ୍ୟ ତା ୨୧.୧୧.୨୦୨୫ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ରାଜକିଶୋର ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ଇନ୍ଷ୍ଟିଚ୍ୟୁସନାଲ୍ ପାର୍କିଂ ସ୍ଥଳ ଗୁଡିକୁ ସଂପୃକ୍ତ ସଂସ୍ଥା ଧାର୍ଯ୍ୟ ଦରରେ ଦେବା କିମ୍ବା ନିଲାମ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ପୁରୁଣା ଭୁବନେଶ୍ୱର ସ୍ଥିତ ଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସର ପରିସରରେ ରହୁଥିବା ଗାଡି ଗୁଡିକରୁ ପାର୍କିଂ ଫି ଆଦାୟ କରିବା ପାଇଁ ନିଲାମ ନେଇଥିବା ବ୍ୟକ୍ତି ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ପାର୍କିଂ ଫି ଆଦାୟ କରୁଛନ୍ତି ତେଣୁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସର୍ବ ସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ କେତେକ ବ୍ୟକ୍ତି ରାସ୍ତା ଉପରେ ଗାଡି ରଖୁଛନ୍ତି ଫଳରେ ଜନସାଧାରଣ ଯାତାୟତରେ ଅସୁବିଧା ହେଉଅଛି ତେଣୁ ସେହି ଗାଡି ଗୁଡିକୁ ଉଠାଇ ଆଣିବା ପାଇଁ ସର୍ବ ସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଇଣ୍ଡଷ୍ଟ୍ରିଆଲ ଏଜେନ୍ସି, ସୁନାଦୋକାନୀ, ବଡ଼ ବଡ଼ ବ୍ୟବସାୟୀ ମାନେ CSR fund ଭୁବନେଶ୍ୱର ମହାନଗର ନିଗମାଂଚଳରେ ଲୋକମାନଙ୍କ ପାଇଁ କାର୍ଯ୍ୟ କରିବା ଆବଶ୍ୟକ କାରଣରୁ ସେମାନଙ୍କୁ ଚିହ୍ନଟ କରି CSR fund ରେ ବି.ଏମ୍.ସି ସହିତ ମିଶି କାର୍ଯ୍ୟ କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଜନସାଧାରଣ ସହରକୁ ସରସ, ସୁନ୍ଦର, ସବୁଜିମା କରିବାପାଇଁ ବୃକ୍ଷ ରୋପଣ କରୁଛନ୍ତି । ଗଛ ବଢ଼ିଯିବା ପରେ କୌଣସି କାରଣ ବଶତଃ ଭାଙ୍ଗିଲେ କିମ୍ବା କାଟିଲେ ଏହାକୁ ଉଠାଇବା ପାଇଁ ବି.ଏମ୍.ସି କୁ ଅଧିକ ପଇସା ଦେବାକୁ ପଡୁଅଛି ତେଣୁ ଗ୍ରୀନ ଗାରବେଜର ପରିମାଣ ଅନୁସାରେ ଅର୍ଥ ନେବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ସଫେଇ ଗାଡି ମାଧମରେ ଗୃହ ଟିକସ ବିଷୟରେ ଲୋକମାନଙ୍କୁ ସଚେତନ କରାଇବା ଓ ସ୍ୱଚ୍ଛସାଥି ମାନଙ୍କ ମାଧମରେ ଗୃହ ଟିକସ ବିଷୟରେ ଲିଫ୍ ଲେଟ୍ ବାଂଟିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୭). ପୌର ଚିକିତ୍ସାଳୟରେ ଉତମ ସେବା ଯୋଗାଇ ଦେବା ପାଇଁ ଏକ ଇକୋ ମେସିନ କ୍ରୟ କରିବା ପାଇଁ ସର୍ବ ସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୮). ୟୁନିଟ୍-୧ ଓ ୟୁନିଟ୍-୨ ଅଚଂଳରେ ଥିବା ବେଆଇନ୍ ପାର୍କିଂ ଗୁଡିକୁ ରେଗୁଲାରାଇଜ କରିବାପାଇଁ ନିର୍ଦ୍ଦେଶ ଦେବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୯). ଭବାନୀମଲ୍‌ର ତଳ ମହଲାରେ ଥିବା ଦୋକାନ ଗୃହ ଡିସେମ୍ବର-୧୫ ତାରିଖରେ ଆବଟଂନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୫୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାଜକିଶୋର ଦାସ
ସଭାପତି
ତା ୨୧.୧୧.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୧.୧୧.୨୦୨୫ ରିଖ

ସମୟ-ଅପରାହ୍ନ ଘ.୧୨.୩୦ ମିନିଟ୍
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀମତୀ ମହାମାୟା ସ୍ୱାଇଁ, ଚେୟାର୍‌ପରସନ୍,
୨. ଶ୍ରୀ ଆଶିଷ କୁମାର ପଟ୍ଟନାୟକ,
୩. ସକିବା ମୁଶରତ୍,
୪. ଶ୍ରୀମତୀ ସୁଷମା ସାହୁ

ଅଦ୍ୟ ତା ୨୧.୧୧.୨୦୨୫ ରିଖ ପୂର୍ବାହ୍ନ ଅପରାହ୍ନ ଘ.୧୨.୩୦ ମିନିଟ୍ ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ମହାମାୟା ସ୍ୱାଇଁ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ନିର୍ମାଣ ହୋଇଥିବା ଲେପ୍ରସି କଲୋନୀ ଗୃହଗୁଡିକ, ଲେପ୍ରସି ରୋଗୀମାନଙ୍କୁ ଦେବା ପାଇଁ କିମ୍ବା ଲେପ୍ରସି କଲୋନୀରେ ରହୁଥିବା ଲୋକମାନଙ୍କୁ ଦେବା ପାଇଁ ଅର୍ଥ ଅନୁଦାନ ମଂଜୁର ହୋଇଥିଲା । ସେ ବିଷୟରେ ଜାଣିବା ପାଇଁ ରାଜ୍ୟ ସରକରଙ୍କ ସାମାଜିକ ସୁରକ୍ଷା ଓ ସଶକ୍ତକରଣ ବିଭାଗଙ୍କ ଠାରୁ ସ୍ପଷ୍ଟିକରଣ ମଗାଯାଇଥିଲା । କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ତଥ୍ୟ ମିଳି ନଥିବାରୁ ପୁନର୍ବାର ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବସବାସ କରୁଥିବା ବସ୍ତିବାସିନ୍ଦାମାନେ ଭୂମି ପ୍ରମାଣପତ୍ର ପାଇବା ପାଇଁ ଦୀର୍ଘ ଦିନ ହେବ ଅର୍ଥ ଜମା କରିଛନ୍ତି ଏବଂ ଯେଉଁମାନେ ଯୋଗ୍ୟ ହିତାଧିକାରୀ ସେମାନଙ୍କୁ ଏଲ.ଆର.ସି. ପ୍ରଦାନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ମଣ୍ଡପ ବସ୍ତିର ହିତାଧିକାରୀମାନଙ୍କ ପାଇଁ ନିର୍ମାଣ ହେଉଥିବା ଗୃହ କାର୍ଯ୍ୟ ଶୀଘ୍ର ସଂପୂର୍ଣ୍ଣ କରିବାକୁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୨୪ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ମହାମାୟା ସ୍ୱାଇଁ
ସଭାପତି
ତା ୨୧.୧୧.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୧.୧୧.୨୦୨୫ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀମତୀ ବିନୟିନୀ ଜେନା, ଚେୟାର୍‌ପରସନ୍,
୨. ଶ୍ରୀମତୀ ଇତିଶ୍ରୀ ଦାସ,
୩. ଶ୍ରୀମତୀ ପ୍ରଭାସିନି ମହାନ୍ତି,
୪. ଶ୍ରୀମତୀ ଗିତାଞ୍ଜଳୀ ସାହୁ,
୫. ଶ୍ରୀମତୀ ସଞ୍ଜୁକ୍ତା ସୁନ୍ଦରାୟ

ଅଦ୍ୟ ତା ୨୧.୧୧.୨୦୨୫ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ବିନୟିନୀ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ନିଗମରେ କାର୍ଯ୍ୟ କରୁଥିବା ସ୍ୱଚ୍ଛ କର୍ମୀ ଓ ସ୍ୱଚ୍ଛ ସୁପରଭାଇଜର ମାନେ ୱାର୍ଡରେ ସଫେଇ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ସେମାନଙ୍କର ମାସିକ ଦରମା ବୃଦ୍ଧି କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ରାସ୍ତାଲୋକ କାର୍ଯ୍ୟ ସମ୍ପାଦନ କରିଥିବା କ୍ରମ୍ପଟନ କମ୍ପାନୀର ଗ୍ୟାରେଂଟି ସମୟ ଥିଲେ ମଧ୍ୟ ସଠିକ୍ ଭାବରେ ମରାମତି କରୁନାହିଁ, ଫଳରେ ଅନେକ ଅଂଚଳ ଅନ୍ଧକାରରେ ରହୁଥିବାରୁ ଜନସାଧାରଣ ଅଭିଯୋଗ କରୁଛନ୍ତି, ତେଣୁ ଏହା ଉପରେ ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୫.୧୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିନୟିନୀ ଜେନା
ସଭାପତି
ତା ୨୧.୧୧.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୪.୧୧.୨୦୨୫ ରିଖ

ସମୟ-ଅପରାହ୍ନ ଘ.୦୪.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀମତୀ ସୁଲୋଚନା ଦାସ, ମେୟର-ତଥା-ଚେୟାରପରସନ୍,
୨. ଶ୍ରୀ ଚଞ୍ଚଳ ରାଣା, କମିଶନର
୩. ଶ୍ରୀମତୀ କେ. ଶାନ୍ତି, ସଭ୍ୟା
୪. ଶ୍ରୀମତୀ ଭାରତୀ ସିଂ, ସଭ୍ୟା
୫. ଶ୍ରୀମତୀ ପୁଷ୍ପାଞ୍ଜଳୀ ସେଠୀ, ସଭ୍ୟା
୬. ଶ୍ରୀ ଶ୍ରୀଧର ବେହେରା,
ଚେୟାରମ୍ୟାନ୍, ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି

ଅଦ୍ୟ ତା ୨୪.୧୧.୨୦୨୫ ରିଖ ଅପରାହ୍ନ ଘ.୦୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମାଂଚଳର ନିମ୍ନବର୍ଣ୍ଣିତ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇ କାର୍ଯ୍ୟ ସମ୍ପାଦନ କରାଯିବା ସମୟରେ କେତେକ Item, modification ଆଦି ପରିବର୍ତ୍ତନର ଆବଶ୍ୟକ ପଡ଼ିବାରୁ ରିଭାଇଜଡ଼୍ ଅଟକଳ ପ୍ରସ୍ତୁତ କରାଯାଇ ସମ୍ପୃକ୍ତ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ କରାଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଚ୍ଚର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ରିଭାଇଜଡ଼୍ ଅଟକଳ |
|---|---|---|---|
| 1. | Constn. of proposed mega MCC Unit-2 at Palasuni in Ward No.-05 BMC, Bhubaneswar File No.-XXIX-PW-Div.-I-2316/2022 (P-2) | Rs.3,84,67,132/- | Rs.3,95,56,705/- |
| 2. | Constn. of proposed mega MCC Unit-1 at Palasuni in Ward No.-05 BMC, Bhubaneswar File No.-XXIX-PW-Div.-I-2315/2022 (P-2) | Rs.3,90,39,483/- | Rs.3,54,75,579/- |
| 3. | Constn. of pavered road and drain from Plot No.-793/1867 at Lane-2, Millenium City, Pahala, Phase-I in Ward No.-04. File No.-XXIX-PW-Div.-I-1471/2023 | Rs.2,58,12,656/- | Rs.2,08,50,382/- |
| 4. | Constn. of Prayer Hall at Jharapada Kabristan in Ward No.-32. File No.-XXIX-Div.-III-86/2023 | Rs.67,33,435/- | Rs.70,62,000/- |
| 5. | Upgradation of road from WATCO Pump house to Nabard Colony, Baramunda in Ward No.-50. File No.-XXIX-PW-Div.-II-376/2024 | Rs.5,98,829/- | Rs.6,54,017/- |
| 6. | Repairing of Gymnasium Building at Baramunda in Ward No.-50 File No.-XXIX-PW-Div.-II-420/2024 | Rs.4,99,646/- | Rs.5,45,369/- |

ନିର୍ଦ୍ଧାରଣ-୧. ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୧ ରୁ ୨ ମଧ୍ୟରେ ବର୍ଣ୍ଣିତ କାର୍ଯ୍ୟ ଗୁଡ଼ିକର ରିଭାଇଜ୍ ଅଟକଳ ଅନୁମୋଦନ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୬୪୯୦-1(c) ତା ୧୯.୦୭.୨୦୨୫ ରିଖ ଅନୁଯାୟୀ ସର୍ବ ସମ୍ମତିକ୍ରମେ କର୍ପୋରେସନଙ୍କୁ ସୁପାରିଶ କରାଗଲା ।

କ୍ର.ନଂ-୩ ରୁ ୬ ମଧ୍ୟରେ ବର୍ଣ୍ଣିତ କାର୍ଯ୍ୟ ଗୁଡ଼ିକର ରିଭାଇଜ୍ ଅଟକଳ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୨. ଭୁବନେଶ୍ୱର ମହାନଗର ନିଗମାଂଚଳର ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ L-2 ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର ଗ୍ରହଣ/ ଅନୁମୋଦନ ଏବଂ L-1 Bidder M/s Shivjyoti Contech Pvt. Ltd. ନିବିଦା ରଦ୍ଦ କରିବା ସହିତ ତାଙ୍କୁ BMC Tender ରୁ ୩ ବର୍ଷ ପର୍ଯ୍ୟନ୍ତ ଭାଗ ନେବାରୁ ବଚିଂତ କରିବା (Debar from BMC Tender for 3 years) କରିବା ସମ୍ପର୍କରେ କମିଟିଙ୍କ ବିଚ୍ଚାର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ କମ୍ % |
|---|---|---|---|---|---|
| 1. | Regular repair & maintenance of roads in W.No.-63 & 65of Bhubaneswar Municipal Corporation (BMC) area. File No.-XXIX-Div.-III-314/2024 | Rs.77,30,941/- | Rs.65,72,073/- | Praksh Ku. Panda | 14.99 |

ନିର୍ଦ୍ଧାରଣ-୨. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରକାଶ ଥାଉକି, ତିନି ବର୍ଷ ମଧ୍ୟରେ ଯେଉଁ ରାସ୍ତା କାର୍ଯ୍ୟ ହୋଇଥିବ ସେହି ରାସ୍ତା ଏହି କାର୍ଯ୍ୟରେ କରାଯିବ ନାହିଁ ଏବଂ ବିଲ୍ ସମୟରେ ଯେଉଁ ରାସ୍ତା କାର୍ଯ୍ୟ ହୋଇଥିବ ତାହାର ସମ୍ପୂର୍ଣ୍ଣ ତଥ୍ୟ ଏବଂ ସେହି ରାସ୍ତା ତିନି ବର୍ଷ ମଧ୍ୟରେ ସମ୍ପାଦନ ହୋଇନାହିଁ ବୋଲି ସମ୍ପୃକ୍ତ ଇଞ୍ଜିନିୟର୍ ସାର୍ଟିଫିକେଟ୍ ଦେବେ ।

ପ୍ରସ୍ତାବ-୩. ଭୁବନେଶ୍ୱର ମହାନଗର ନିଗମାଂଚଳର ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର OPWD Code ଅନୁଯାୟୀ ସର୍ତ୍ତମୂଳକ ଭାବେ ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚ୍ଚାର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ କମ୍ % |
|---|---|---|---|---|---|
| 1. | Construction of RCC drain with Cover slab and paver road from Tridev Villa to Pravat Villa Lane No.-1 at Kalarahanga in Ward No.-02. File No.-XXXXX-(Drainage)-69/2025 | Rs.1,46,54,208/- | Rs.1,24,57,542/- | Sri Siladitya Behera | 14.99 |

ନିର୍ଦ୍ଧାରଣ-୩. ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୨୭୬୭-1(b) ତା ୨୨.୦୬.୨୦୧୮ ରିଖ-ତଥା-OPWD Code ଅନୁଯାୟୀ ସର୍ତ୍ତମୂଳକ ଭାବେ ସର୍ବ ସମ୍ମତିକ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

ପ୍ରକାଶ ଥାଉକି, ଡ୍ରେନ୍ କାର୍ଯ୍ୟର ବିଲ୍ ଦାଖଲ ସମୟରେ ପୂର୍ବରୁ ଡ୍ରେନ୍‌ର ବ୍ୟବସ୍ଥା ଓ ଏବେ କ'ଣ କାର୍ଯ୍ୟ ହୋଇଅଛି ତାହାର ସାର୍ଟିଫିକେଟ୍ ଇଞ୍ଜିନିୟର୍‌ମାନେ ଦେବେ ଏବଂ ଆଗକୁ ଯେଉଁ ବଡ଼ ବଡ଼ ଡ୍ରେନ୍ କାର୍ଯ୍ୟ ଟେଣ୍ଡର ହେବ ସେଥିରେ କଂଟ୍ରାକ୍ଟରର Bid capacity ପାଇଁ ଟେଣ୍ଡରରେ ନୋଟିସ୍‌ରେ ସର୍ତ୍ତ ରଖିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ସନ୍ଧ୍ୟା ୫.୩୮ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ସୁଲୋଚନା ଦାସ
ସଭାପତି
ତା ୨୪.୧୧.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ୱ୍ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୫.୧୧.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-
୧. ଶ୍ରୀ ଶ୍ରୀଧର ବେହେରା, ଚେୟାରମ୍ୟାନ୍,
୨. ଶ୍ରୀ ଅମରେଶ ଜେନା,
୩. ଶ୍ରୀମତୀ ପଦ୍ମଜା ପ୍ରିୟଦର୍ଶିନୀ ଜେନା,
୪. ଶ୍ରୀମତୀ ସମିତା ମହାନ୍ତି,
୫. ଶ୍ରୀମତୀ ଜୟନ୍ତି ସାହୁ,
୬. ଶ୍ରୀ ସନ୍ତୋଷ କୁମାର ସିଂହ,
୭. ସେକ୍ ନୁରହାସନ୍

ଅଦ୍ୟ ତା ୨୫.୧୧.୨୦୨୫ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ୱ୍ୱାର୍କସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ବେହେରା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ୱାର୍ଡ଼ ନଂ-୫୨ ରେ ଥିବା ସ୍ୱିଙ୍ଗ୍ ଟ୍ୟାଙ୍କ୍ ପାର୍ଶ୍ୱରେ ପେଭର ବ୍ଲକ୍ କାର୍ଯ୍ୟ ୱ୍ୱାର୍କସ କମିଟି ଅନୁମୋଦନ ନହୋଇ ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ୍) କାର୍ଯ୍ୟ ଆରମ୍ଭ କରିଛନ୍ତି ଏହାକୁ ବନ୍ଦ କରାଯିବା ସହିତ ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ୍) ଙ୍କୁ ଏଭଳି କାର୍ଯ୍ୟ ପାଇଁ କାରଣ ଦର୍ଶାଅ (Show Cause) ନୋଟିସ୍ ମାଗିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ନିଗମର କେଉଁ କାର୍ଯ୍ୟ କମ୍ପ୍ଲିସନ୍ ତାରିଖ ଠାରୁ ୯୦ ଦିନରୁ ଅଧିକ ଦିନ ହେବ ରହିଅଛି, କେଉଁ କାର୍ଯ୍ୟର କାର୍ଯ୍ୟାଦେଶ ଦିଆଯାଇଅଛି କିନ୍ତୁ ଆରମ୍ଭ ହୋଇନାହିଁ । କେଉଁ ପ୍ରୋଜେକ୍ଟ ସମ୍ପୂର୍ଣ୍ଣ ହୋଇଅଛି ସମ୍ପୃକ୍ତ ଉପ ବିଭାଗ/ ଲ୍ୟାଣ୍ଡ୍ ଉପବିଭାଗକୁ ହସ୍ତାନ୍ତର ହୋଇନାହିଁ, କେଉଁ କେଉଁ ପାର୍କରେ ଟଏଲେଟ୍ ଓ ଲାଇଟ୍ ନାହିଁ ଏବଂ କେଉଁ କେଉଁ ଠିକାଦାରଙ୍କୁ ନିଗମ ଟେଣ୍ଡରରୁ ଡ଼ିବାର୍ ହୋଇଛନ୍ତି ଏବଂ କେଉଁ ଠିକାଦାର କଳାତାଲିକାଭୁକ୍ତ କରିବା ପାଇଁ ଲାଇସେନ୍ସ ପ୍ରଦାନକାରୀ ସଂସ୍ଥାକୁ ଅନୁରୋଧ କରାଯାଇଅଛି ତାହାର ତଥ୍ୟ ଏକ ସପ୍ତାହ ମଧ୍ୟରେ ମାନନୀୟା ମେୟରଙ୍କୁ ପ୍ରଦାନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନଗର ଯନ୍ତ୍ରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ନିର୍ଦ୍ଧାରଣ-୧(୩). ୟୁନିଟ୍-୬ ସ୍ଥିତ କଲ୍ୟାଣମଣ୍ଡପର ଉପର ମହଲାକୁ ସିଡ଼ି ନିର୍ମାଣ କରି ତାହାକୁ ଭଡ଼ା ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ପ୍ରତି ଆଠ ମାସରେ ଥରେ କନିଷ୍ଠ ଯନ୍ତ୍ରୀ/ ସହକାରୀ ଯନ୍ତ୍ରୀଙ୍କୁ ୱାର୍ଡ଼ ପରିବର୍ତ୍ତନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୫୮ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ବେହେରା
ସଭାପତି
ତା ୨୫.୧୧.୨୦୨୫ ରିଖ